The Odisha Gazette

EXTRAORDINARY

PUBLISHED BY AUTHORITY

No. 2381 CUTTACK, THURSDAY, JULY 31, 2025/SRAVANA 9, 1947

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା

S.R.O. No. 562/2025 Dated 15-07-2025

ରାଜ୍ୟ ସରକାର ପ୍ରଭାବିତ ଗ୍ରାମ / ୱାର୍ଡ ସ୍ତରରେ ସମ୍ପୃକ୍ତ ଗ୍ରାମ-ପଞ୍ଚାୟତଙ୍କ ପରାମର୍ଶକ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ (Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି। ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ – ୨୦୧୩ ର ଧାରା ୪ ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ।

୧. ପ୍ରକଳ୍ପ ବିକାଶକାରୀଙ୍କ ର ନାମ:- ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ଅନୁଗୋଳ ।

୨. ପ୍ରସ୍ତାବିତ ଭୂମି ଅଧିଗ୍ରହଣ ର ଉଦ୍ଦେଶ୍ୟ- ତାଳଚେର- ସମ୍ବଲପୁର ରେଳପଥ ଦୋହରିକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

୩. SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୂଚନା; M/s. RAC Bhubaneswar.

୪. SIA ସର୍ବେକ୍ଷଣ ଅନୁଷ୍ଠାନ: Nabakrushna Choudhury Centre for Development Studies, Bhubaneswar, Phone No. 0674- 2300471/ 2301094

୫.ପ୍ରକଳ୍ପ ପାଇଁ ଅନୁଗୋଳ ଜିଲ୍ଲାରେ ପ୍ରସ୍ତାବିତ ଭୂ-ଅଧିଗ୍ରହଣର ବିବରଣୀ/ ତଫସିଲ

କ୍ରମିକନଂ	ତହସିଲ	ଗ୍ରାମ ପଞ୍ଚାୟତ	ଗ୍ରାମ	ବେସରକାରୀଜମି (ଏକରରେ)	ମନ୍ତବ୍ୟ
୧	କିଶୋରନଗର	କଟରଙ୍ଗା	କୃଷ୍ଣପୁର	୧.୨୨୦	
			ମୋଟ୍-	**ଏ. ୧.୨୨୦**	

ଭୂମି ଅନୁସୂଚିର ନକଲ ଏଥି ସହିତ ସଂଲଗ୍ନ କରାଯାଇଛି।

୬. ପ୍ରସ୍ତାବିତ ପ୍ରକଲ୍ପ ର ସଂକ୍ଷିପ୍ତ ବିବରଣୀ :- ଅନୁଗୋଳ ଜିଲ୍ଲାର କିଶୋରନଗର ତହସିଲ ଅନ୍ତର୍ଭୁକ୍ତ କୃଷ୍ଣପୁର ଗ୍ରାମରେ ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ଅନୁଗୋଳ ଦ୍ୱାରା ତାଳଚେର-ସମ୍ବଲପୁର ରେଳପଥ ଦୋହରିକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ଘରୋଇ ଜମି ଅଧିଗ୍ରହଣ କରାଯିବ।

୭. SIA ସର୍ବେକ୍ଷଣ ରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ :-
ଅନୁଗୋଳ ଜିଲ୍ଲାର ଉପରୋକ୍ତ ୦୧ ଟି ଗ୍ରାମର ମୋଟ ୧.୨୨୦ ଏକର ଘରୋଇ ଜମି, ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ଅନୁଗୋଳ ଦ୍ୱାରା ଅନୁଗୋଳ ଜିଲ୍ଲାର କିଶୋରନଗର ତହସିଲ ଅନ୍ତର୍ଭୁକ୍ତ କୃଷ୍ଣପୁର ଗ୍ରାମରେ ତାଳଚେର- ସମ୍ବଲପୁର ରେଳପଥ ଦୋହରିକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ଅନ୍ତର୍ଭୁକ୍ତ । ପ୍ରକଲ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳିପାରିବ।

୮. SIA ସର୍ବେକ୍ଷଣ ର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ :-
ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ
ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମପଞ୍ଚାୟତ / ଗ୍ରାମ / ୱାର୍ଡର ପରାମର୍ଶକ୍ରମେ SIA ସର୍ବେକ୍ଷଣ କରାଯିବ । SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୂହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୁଡାନ୍ତ ରିପୋର୍ଟ ରେ ସ୍ଥାନିତ ହେବ।
ଭୂମି ଅଧିଗ୍ରହିତ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଶତକଡା ୨୫ ଭାଗ ପ୍ରଭାବିତ ସମସ୍ତ ଗ୍ରାମ ସଭା ମାନଙ୍କ ରେ ଜନ ଶୁଣାଣି କରାଯିବ।

୯. ଗ୍ରାମସଭା / ଭୂମିମାଲିକଙ୍କ ସହମତି ଆବଶ୍ୟକ କି?
ହଁ ସହମତି ଆବଶ୍ୟକ।

୧୦. SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସ ଠାରୁ ୬ ମାସ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ।
SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ/ ଗ୍ରାମ/ ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ। ତତ୍ ସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବସାଇଟରେ ସୂଚିତ ହେବ।

<u>ଭୂମି ଅନୁସୂଚୀ</u>

ମୌଜା: କୃଷ୍ଣପୁର, ତହସିଲ-କିଶୋରନଗର, ଥାନା: ହଣ୍ଡପା, ଥାନା ନଂ.୩୧, ଜିଲ୍ଲା: ଅନୁଗୋଳ

କ୍ରମିକ ନଂ	ଖାତା ନମ୍ବର	ପ୍ଲଟ ନମ୍ବର	କିସମ	ମୋଟ ରକବା	ଅଧିକୃତ ରକବା	ରୟତଙ୍କ ନାମ
୧	୨	୪	୫	୬	୭	୮
୨	୩	୭୩୪	ଟଇଲା ଦୁଇ	୦.୫୯୦	୦.୦୪୦	ଆସେଲି ସାହୁ ସ୍ୱା: ଚନ୍ଦ୍ର ସାହୁ ଜା: ଚଷା ବା: ପାପସରା, ଶୁରମଣି ସାହୁ ପି: ବିଦା ସାହୁ ଜା: ଚଷା ବା: କଟରଙ୍ଗା, ରୁକୁଣା ସାହୁ ପି: ଗୌତମ ସାହୁ, ଇଶ୍ୱର ସାହୁ ପି: ସାର୍ଥୁକ ସାହୁ, ଭୁଗେଇ ସାହୁ ପି: ଇଶ୍ୱର ସାହୁ ଜା: ଚଷା ବା: ନିଜଗାଁ

୩	୧୫	୭୨୪	ଟଇଲା ଦୁଇ	୧.୧୭୦	୦.୧୬୦	ଲଳିତ ମୋହନ ପ୍ରଧାନ ପି: ହୃଷିକେଶ ପ୍ରଧାନ, ପରମାନନ୍ଦ ପ୍ରଧାନ ପି: ମଧୁ ପ୍ରଧାନ, କିର୍ତ୍ତନ ପ୍ରଧାନ ପି: ଶୁକଦେବ ପ୍ରଧାନ ଜା: ଚଷା ବା: କଟରଙ୍ଗା
		୮୦୦	ଶାରଦ ଦୁଇ	୦.୨୫୦	୦.୦୯୦	
୪	୩୨	୭୩୩	ବିଆଳି	୦.୨୬୦	୦.୦୧୦	ଦିବାକର ସାହୁ ପି:ହାଡି ସାହୁ ଜା: ଚଷା ବା: ନିଜଗାଁ
		୭୩୫	ଟଇଲା ଦୁଇ	୦.୯୫୦	୦.୦୫୦	
୫	୪୬	୪୭୪	ଶାରଦ ଦୁଇ	୦.୭୩୦	୦.୦୫୦	ବୁଧୁ ସାହୁ ପି:କୃପା ସାହୁ ଜା: ଚଷା ବା: ନିଜଗାଁ
		୫୨୫	ଶାରଦ ତିନି	୦.୨୭୦	୦.୦୧୦	
		୭୨୭	ବାଜେଫସଲ ଏକ	୦.୩୭୦	୦.୦୫୦	
୬	୫୬	୫୨୬	ଟଇଲା ଦୁଇ	୨.୭୦୦	୦.୬୨୦	ସର୍ବେଶ୍ୱର ସାହୁ ପି: ଭାଗିରଥି ସାହୁ, କୁମାରୀ ସାହୁ ସ୍ୱା: ସପ୍ନେଶ୍ୱର ସାହୁ, ସୁକାନ୍ତ ସାହୁ, ଶୁସିଳ ସାହୁ, ଅଜିତ୍ ସାହୁ ପି: ସପ୍ନେଶ୍ୱର ସାହୁ ଜା: ଚଷା ବା: କଟରଙ୍ଗା
୭	୫୭	୭୨୮	ଘରବାରି	୦.୩୦୦	୦.୦୧୦	ଭାଲୁ ସାହୁ ପି:ଝାଟୁ ସାହୁ ଜା: ଚଷା ବା: ନିଜଗାଁ
୮	୭୯	୫୧୭	ଟଇଲା ଦୁଇ	୧.୪୦୦	୦.୧୩୦	ହୃଶିକେଶ ସାହୁ ପି:ସଦା ସାହୁ ଜା: ଚଷା ବା: କଟରଙ୍ଗା
			ମୋଟ		୧.୨୨୦	

[No. 25832—RDM-LAC-ANG-0012-2024-R&DM]

ରାଜ୍ୟପାଳଙ୍କ ଆଦେଶକ୍ରମେ

ଦିଗନ୍ତ ରାଉତରାୟ

ଅତିରିକ୍ତ ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10

Ex. Gaz. 1591—173+0